## କୂଅରୁ ମିଳିଲା ଯୁବତୀଙ୍କ ମୃତଦେହ

ଭୁବନ, (ଡି.ଏନ୍.ଏ.)-ଭୁବନ ଥାନା ଭୂଷଳ ଗ୍ରାମର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଝିଅ ପୂର୍ଣ୍ଣମୟୀ ପଣ୍ଡା (୩୦)ଙ୍କ ମୃତଦେହ ଶୁକ୍ରବାର ଘର ନିକଟ କୂଅରୁ ମିଳିଛି। ପାଣି ଆଣିବାକୁ ଯାଇଥିବାବେଳେ ସେ କୂଅରେ ଖସିପଡ଼ିଥିଲେ। ପରିବାର ଲୋକ ଖୋଜାଖୋଜି କରି ସନ୍ଦେହରେ ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ କୂଅରୁ ପୂର୍ଣ୍ଣମୟୀଙ୍କୁ ବାହାର କରି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ. ୮/୨୧ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### କୋଭିଡ୍ ଆକ୍ରାନ୍ତଙ୍କୁ 'ସାଇପ୍ରସାଦମ୍'

**କାମାକ୍ଷାନଗର, ୨୧।୫(ଡି.ଏନ.ଏ.):** କରୋନା ସଂକ୍ରମଣର ଶିକାର ହୋଇ ହୋମ୍ ଆଇସୋଲେଶନରେ ଥିବା ରୋଗୀଙ୍କୁ ଖାଦ୍ୟ ଯୋଗାଇଦେବାକୁ ଆଗେଇ ଆସିଛି ଢେଙ୍କାନାଳ ଜିଲା ସତ୍ୟସାଇ ସେବା ସଙ୍ଗଠନ। କରୋନା ରୋଗୀଙ୍କୁ ଦୁଇଓଳି ଖାଦ୍ୟ ଯୋଗାଇ ଦେବାକୁ ସଂସ୍ଥା ପକ୍ଷରୁ ଆରମ୍ଭ ହୋଇଛି ଅଭିନବ କାର୍ଯ୍ୟକ୍ରମ 'ସାଇପ୍ରସାଦମ୍'। ଜିଲାର କୌଣସି ରୋଗୀ ପୂର୍ବାହ୍ନ ୮ଟା ପୂର୍ବରୁ ମୋବାଇଲ ନଂ. ୮୯୯୧୭୫୦୫୬୦୮, ୭୭୪୯୯୦୦୪୧୪, ୯୮୬୧୧୭୪୭୪୧ରେ ଯୋଗାଯୋଗ କରିପାରିବେ। ହ୍ୱାଟ୍ସଆପ୍‌ରେ ନିଜର ତଥ୍ୟ ପ୍ରଦାନ କରିବା ସହିତ ଖାଦ୍ୟ ଲାଗି ସହଯୋଗ ଲୋଡ଼ିପାରିବେ। ସଂସ୍ଥାର କର୍ମକର୍ତ୍ତାମାନେ ନିର୍ଦ୍ଧାରିତ ସମୟରେ ରୋଗୀଙ୍କ ନିକଟରେ ଖାଦ୍ୟ ପହଞ୍ଚାଇବେ ବୋଲି ଜିଲା ସଭାପତି ରଶ୍ମିରଞ୍ଜନ ଦାସ ସୂଚନା ଦେଇଛନ୍ତି।

### ସିଲ୍ ହେଲା ମଲ୍



**ଢେଙ୍କାନାଳ ଅଫିସ, ୨୧।୫:** ଲକ୍‌ଡାଉନ୍ ସମୟରେ ଶଟର ବନ୍ଦ କରି ବ୍ୟବସାୟ କରୁଥିବା ଅଭିଯୋଗରେ ଢେଙ୍କାନାଳ ପୌରସଂସ୍ଥା କୁଞ୍ଜକାନ୍ତସ୍ଥିତ ଏକ ମଲ୍‌କୁ ଶୁକ୍ରବାର ସିଲ୍ କରିଛି। ଉକ୍ତ ମଲ୍ ବାହାରପଟୁ ବନ୍ଦ ଥିଲା। ପଛପାଖ ରାସ୍ତା ଦେଇ ବହୁ ଲୋକ ସାମଗ୍ରୀ କିଣୁଥିଲେ। ସୂଚନା ପାଇ ପୌରସଂସ୍ଥା ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ଅତନୁ ସାମନ୍ତ କୁହନ୍ତି, ମଲ୍‌ରେ ନିୟମ ଉଲ୍ଲଂଘନ କରି ବ୍ୟବସାୟ ଚାଲିଥିଲା। ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସିଲ୍ କରାଯାଇଛି। ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନରୁ ଜରିମାନା ଆଦାୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଢେଙ୍କାନାଳ ଅଫିସ, ୨୧।୫:** ଢେଙ୍କାନାଳ ଜିଲା ଅବକାରୀ ବିଭାଗ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ଅପରାହ୍ନରେ ଅଭାବନୀୟ ଘଟଣା ଘଟିଛି। ମୁରଲୀଧର ସ୍ୱାଇଁ (୬୫) ନାମକ ଜଣେ ଅବସରପ୍ରାପ୍ତ କର୍ମଚାରୀ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବିଦ୍ୟୁତ୍ ଝଟ୍‌କା ଖାଇ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ଶରୀରର କେତେକ ଅଂଶ ପୋଡ଼ିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୁରଲୀ କିଛିଦିନ ତଳେ କରୋନା ସଂକ୍ରମିତ ହୋଇଥିଲେ। ଚିକିତ୍ସା ପରେ ସେ ଘରକୁ ଫେରିଥିଲେ। ତେବେ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା ଉଦ୍ୟମ କଲେ ତାହାର କାରଣ ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

### କଣିହାଁରେ ନୂତନ ବିଡିଓ



**କଣିହାଁ, ୨୧।୫(ଡି.ଏନ.ଏ.):** କଣିହାଁ ବ୍ଲକରେ ନୂତନ ବିଡିଓ ଭାବେ ଗୁରୁବାର ନିଶାନ ମିଶ୍ର ଯୋଗ ଦେଇଛନ୍ତି। ଶୁକ୍ରବାର ବିଧିବଦ୍ଧ ଭାବେ ସେ କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ସେ ସମସ୍ତ କର୍ମଚାରୀଙ୍କୁ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରିବାକୁ ପରାମର୍ଶ ଦେବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଜନସାଧାରଣ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ, ସେଦିଗରେ ପ୍ରାଥମିକତା ଦିଆଯିବ ବୋଲି ବିଡିଓ କହିଛନ୍ତି। ନିଶାନ ୨୦୧୭ ବ୍ୟାଚ୍ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ। ଏଥିପୂର୍ବରୁ ସେ ଥୁଆମୂଳ ରାମପୁର ବ୍ଲକରେ କାର୍ଯ୍ୟରତ ଥିଲେ। କଣିହାଁ ବିଡିଓ ଭାବେ କାର୍ଯ୍ୟରତ ରମେଶ କୁମାର ଜେନାଙ୍କୁ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ତହସିଲଦାର ଭାବେ ବଦଳି ହୋଇଛି।

# ସ୍ୱାବଲମ୍ବୀ ହୋଇଛନ୍ତି ଶୁଭାଶିଷ

**କାମାକ୍ଷାନଗର, ୨୧।୫(ଡି.ଏନ.ଏ.)**

- ବୈଜ୍ଞାନିକ ପ୍ରଣାଳୀରେ ମାଛଚାଷ ଦେଇଛି ପରିଚୟ
- ପ୍ରାଥମିକ ପର୍ଯ୍ୟାୟରେ ଖର୍ଚ୍ଚ କରିଛନ୍ତି ୧୦ ଲକ୍ଷ ଟଙ୍କା



ମାଛକୁଣ୍ଡ ନିକଟରେ ଶୁଭାଶିଷ।



କରୋନା ମହାମାରୀ ସମୟରେ ସଙ୍କଟରେ ପଡ଼ିଛି ଜୀବନ ଜୀବିକା। ହେଲେ ଏଭଳି ପ୍ରତିକୂଳ ସମୟରେ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ସ୍ୱାବଲମ୍ବୀ ହୋଇପାରିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାଦୁଆ ପଞ୍ଚାୟତ ଭଗୀରଥପୁର ଗ୍ରାମର ଶୁଭାଶିଷ ପଣ୍ଡା (୩୮)। ବୈଜ୍ଞାନିକ ପ୍ରଣାଳୀରେ ମାଛଚାଷ ତାଙ୍କୁ ପରିଚିତି ଦେଇଥିବାବେଳେ ସେ ଏବେ ସାଜିଛନ୍ତି ଯୁବପିଢ଼ିଙ୍କ ପ୍ରେରଣା।

ବାପା ଚନ୍ଦ୍ରମଣି ପଣ୍ଡା ଏବଂ ମା' ବୀଣାପାଣି ପଣ୍ଡାଙ୍କ ବଡ଼ପୁଅ ଶୁଭାଶିଷ ପିଲାଟି ଦିନରୁ ଆତ୍ମନିର୍ଭରଶୀଳ ହେବାକୁ ସ୍ୱପ୍ନ ଦେଖୁଥିଲେ। ଏହି ସମୟରେ ବୈଜ୍ଞାନିକ ପ୍ରଣାଳୀରେ ମାଛଚାଷ କରିବା ବୁଦ୍ଧି ଜୁଟିଥିଲା। ଘର ପାଖରେ ଥିବା ସ୍ୱଳ୍ପଜାଗାରେ ୫ କୁଣ୍ଡ ସହାୟତାରେ ସେ ମାଛଚାଷ ଆରମ୍ଭ କରିଛନ୍ତି। ଏଥିରେ ଖର୍ଚ୍ଚ ହୋଇଛି ଆନୁମାନିକ ୧୦ ଲକ୍ଷ ଟଙ୍କା। ଶୁଭାଶିଷ ନିଜ ହାତରୁ କିଛି ଟଙ୍କା ଖର୍ଚ୍ଚ କରିଥିବାବେଳେ ସରକାରୀ ସବ୍‌ସିଡି ମଧ୍ୟ ପାଇଛନ୍ତି।

ଶୁଭାଶିଷଙ୍କ କହିବା କଥା, ଦୁଇମାସ ହେଲା ସେ ମାଛଚାଷ ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ୩ଟି କୁଣ୍ଡରେ ଆମୁଲକ୍ରାପ୍ ଏବଂ ୨ଟିରେ ଦେଶୀ ମାଗୁର ମାଛ ଚାଷ କରିଛନ୍ତି। ମାଛଗୁଡ଼ିକର ଓଜନ ୨୦୦ରୁ ୨୫୦ ଗ୍ରାମ ହୋଇଗଲାଣି। ୬ମାସ ଭିତରେ ଏଗୁଡ଼ିକ ପ୍ରାୟ ୧କେଜି ବିଶିଷ୍ଟ ହୋଇଯିବେ। ଏହାପରେ କୁଣ୍ଡରୁ ବାହାର କରି ମାଛ ବିକ୍ରି କରାଯାଇପାରିବ। ପ୍ରତି କୁଣ୍ଡରୁ ୧୦ କୁଇଣ୍ଟାଲ ମାଛ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

ଇଟା, ବାଲି ସିମେଣ୍ଟ ବ୍ୟବହାର କରି କୁଣ୍ଡ ନିର୍ମାଣ କରାଯାଇଛି। ମାଛଙ୍କୁ ନିୟମିତ ବ୍ୟବଧାନରେ ଦାନା ଦିଆଯାଉଛି। କୁଣ୍ଡରେ କରାଯାଉଥିବା ମାଛଚାଷରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅମ୍ଳଜାନ ଯୋଗାଣ। ପ୍ରତି କୁଣ୍ଡରେ ଏଥିଲାଗି ସ୍ୱତନ୍ତ୍ର ଭାବେ ବାକ୍ସ ଲଗାଯାଇଛି। ବିଦ୍ୟୁତ୍ କାଟ୍ ସମୟରେ ସମସ୍ୟା ଉପୁଜିବା ଆଶଙ୍କାରେ ଜେନେରେଟର ବ୍ୟବସ୍ଥା କରାଯାଇଛି। ସ୍ୱଚ୍ଛ ପାଣି ଯୋଗାଣ ପାଇଁ ଏକ ବୋର୍‌ୱେଲ ନିର୍ମାଣ ହୋଇଛି। ସେହିପରି ମାଛଚାଷକୁ ଆଗକୁ ନେବାକୁ ବାଡ଼ିରେ ଦୁଇଟି କ୍ଷୁଦ୍ର ପୋଖରୀ ଖନନ କରାଯାଇଥିବା ଶୁଭାଶିଷ ସୂଚନା ଦେଇଛନ୍ତି। ଏଭଳି ଅଭିନବ ଉପାୟରେ ମାଛଚାଷ ବିଷୟରେ ଜାଣିବାକୁ ଅଞ୍ଚଳର ଯୁବକ ଆଗ୍ରହୀ ହେଉଛନ୍ତି। ଅଳ୍ପ ଜମିରେ ଏଭଳି ମାଛ ଚାଷରେ ଜଣେ ସ୍ୱାବଲମ୍ବୀ ହୋଇପାରିବ ବୋଲି ଶୁଭାଶିଷ କହିଛନ୍ତି।

## ରାଜୀବ ଥିଲେ ନବଭାରତର ବିନ୍ଧାଣି

**ଢେଙ୍କାନାଳ ଅଫିସ/ଭୁବନ (ଡି.ଏନ.ଏ.), ୨୧।୫**

ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୦ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ସାଢ଼େ ୭ଟାରେ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ରାଜୀବ ଗାନ୍ଧୀ ନବଭାରତର ବିନ୍ଧାଣି ଥିଲେ। ତାଙ୍କ ଉଦ୍ୟମରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯଥେଷ୍ଟ ବିକାଶ ହୋଇଥିଲା ବୋଲି ମତପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ଜିଲା ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ରକ୍ତଭଣ୍ଡାରଠାରେ ଆୟୋଜିତ ଶିବିରରେ ୩୦ ୟୁନିଟ୍ ରକ୍ତଦାନ କରାଯାଇଥିଲା। ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ନବୀନଚନ୍ଦ୍ର ନାରାୟଣ ଦାସ, ପ୍ରେମଶଙ୍କର ମିଶ୍ର, ସୁନୀଲ୍ ଦାଶ, ସୁଭାସିନୀ ମହାକୁଡ, ଗୋପାଳ ଚନ୍ଦ୍ର ସାହୁ, ବସନ୍ତ ବେହେରା, ହାଇଦର ମହମ୍ମଦ, ଶୁଭମ୍ ଦାଶ, ଜିତେନ୍ଦ୍ର ସାହୁ, ଟଙ୍କଧର ବେହେରା, ଅମର ସେନାପତି, ସଚ୍ଚିଦାନନ୍ଦ ନନ୍ଦ, ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଭୁବନ ଟାଉନ କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି। କାମାକ୍ଷାନଗର ଯୁବ କଂଗ୍ରେସ ସଭାପତି ବିନୋଦ ମହାରଣାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ କର୍ମକର୍ତ୍ତା ଭାଗବତ ନାୟକ, ମନମୋହନ ସାହୁ, ଦେବାଶିଷ ସାହୁ, ବଳରାମ ପୃଷ୍ଟି, ଦେବଦତ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।




ଜଣେ କର୍ମୀ ରକ୍ତଦାନ କରୁଛନ୍ତି।

## ରାଜସ୍ୱ ରଥ ଶୁଭାରମ୍ଭ



ରାଜସ୍ୱ ରଥର ଶୁଭାରମ୍ଭ କରାଯାଉଛି।

**ଆଠମଲ୍ଲିକ, ୨୧।୫(ଡି.ଏନ.ଏ.)**

ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ରାଜସ୍ୱ ରଥର ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବିଡିଓ ସନ୍ତୋଷ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କରୋନା ସମୟରେ ଲୋକଙ୍କୁ ହାତପାହାନ୍ତରେ ଏହି ରଥ ସେବା ଯୋଗାଇବ। ଲୋକମାନେ କାର୍ଯ୍ୟାଳୟକୁ ନ ଆସି ଘର ନିକଟରେ ସେବା ପାଇପାରିବେ। ବିଶେଷ କରି ଅନ୍-ଲାଇନରେ ଆବେଦନ କରୁଥିବା ଜମିପଟ୍ଟା, ଆୟ, ବାସସ୍ଥାନ ସାର୍ଟିଫିକେଟ ହିତାଧିକାରୀଙ୍କୁ ଘରେ ମିଳିବ। ଏହି କାର୍ଯ୍ୟକ୍ରମରେ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ, ଅତିରିକ୍ତ ତହସିଲଦାର ଅଶୋକ କୁମାର ଦେହୁରୀ, ରାଜସ୍ୱ ସୁପରଭାଇଜର ଦଣ୍ଡଧର ସିଂ, ମୁଖ୍ୟ କିରାଣି ଅଭିରାମ ସାଏ, ଏନ୍ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଅକ୍ସିଜେନ୍ ସିଲିଣ୍ଡର ସେବା ଆରମ୍ଭ

**ଅନୁଗୋଳ ଅଫିସ, ୨୧।୫**

ଅନୁଗୋଳ ଜିଲା ଲାଇନ୍ସ କ୍ଲବ ଏବଂ ଓକିଲ ସଂଘର ମିଳିତ ସହଯୋଗରେ ଶୁକ୍ରବାରଠାରୁ ଅକ୍ସିଜେନ୍ ସିଲିଣ୍ଡର ସେବା ଆରମ୍ଭ ହୋଇଛି। ଏହି ସେବା ଅନୁଗୋଳର ଜନତାଙ୍କ ପାଇଁ କରାଯାଇଥିବା ଓକିଲ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନୁଗୋଳ ଲାଇନ୍ସ କ୍ଲବ ସ୍ୱାସ୍ଥ୍ୟ କମିଟି ସଭାପତି ପରମାନନ୍ଦ ମିଶ୍ର, କ୍ଲବ ସଭାପତି ବାସୁଦେବ ଚୌଧୁରୀ, ସମ୍ପାଦକ ଚୈତେଲେଖ ଦେହୁରୀ, ଓକିଲ ସଂଘର ସଭାପତି ଦିଲୀପ ସାହୁ, ସମ୍ପାଦକ ସୋମନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।




ଅକ୍ସିଜେନ ସିଲିଣ୍ଡର ସେବା ଶୁଭାରମ୍ଭ କରାଯାଉଛି।

## 'ୟାସ୍' ମୁକାବିଲା: ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୨୧।୫**

ସମ୍ଭାବ୍ୟ ବାତ୍ୟା 'ୟାସ୍'ର ମୁକାବିଲା ଲାଗି ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବାତ୍ୟା ପରବର୍ତ୍ତୀ ପରିଚାଳନା ଲାଗି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଶୁକ୍ରବାର ଡିଏଫ୍‌ଓ, ଉପଜିଲାପାଳ, ବିଡିଓ, ତହସିଲଦାର, ପୌର ପ୍ରଶାସନ, ଏନ୍ଏସି ପ୍ରଶାସନ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଭର୍ଚୁଆଲ ମାଧ୍ୟମରେ ଆଲୋଚନା କରିବା ସହ ଆଗୁଆ ପ୍ରସ୍ତୁତି ସାରିବାକୁ ପରାମର୍ଶ ଦେଇଛନ୍ତି। ନାଳ ନର୍ଦ୍ଦମା ସଫା, ପାଣି ଜମୁଥିବା ଖାଲୁଆ ଅଞ୍ଚଳ ଚିହ୍ନଟ, ଆବଶ୍ୟକସ୍ଥଳେ ଗର୍ଭବତୀ, ଶିଶୁ, ବୃଦ୍ଧାବୃଦ୍ଧ, ରୋଗୀଙ୍କୁ ବହୁମୁଖୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ବ୍ୟବସ୍ଥା, ବାତ୍ୟା ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ, ବିଦ୍ୟୁତ୍ ଯୋଗାଣ ଲାଗି ଜେନେରେଟର ସହ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ୍ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ, ବାତ୍ୟା ପରବର୍ତ୍ତୀ ସଫେଇ ଲାଗି ଜେସିବି ବନ୍ଦୋବସ୍ତ, ଚିଡ଼ିଆଖାନାର ପ୍ରାଣୀଙ୍କ ସୁରକ୍ଷା ପ୍ରତି ସୁରକ୍ଷା ପ୍ରତି ସଜାଗ ରହିବା, ରିଲିଫ୍ ଓ ପଲିଥିନ୍ ଯୋଗାଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବାତ୍ୟା ସୂଚନା ନିମନ୍ତେ ବ୍ଲକ, ଉପଖଣ୍ଡ, ଜିଲା ସଦର ମହକୁମାରେ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ। ବାତ୍ୟା ସମୟରେ ଅଗ୍ନିଶମ ଓ ଆରକ୍ଷୀ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଜାରି ରଖିବେ। କ୍ଷତିଗ୍ରସ୍ତ ବିଦ୍ୟୁତ୍ ଓ ସଞ୍ଚାର ବ୍ୟବସ୍ଥା ମରାମତି କରାଯିବା ନେଇ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି।

## ଅନୁଗୋଳରୁ ୮୫୦, ଢେଙ୍କାନାଳରୁ ୧୩୨ ପଜିଟିଭ୍

**ଅନୁଗୋଳ ଅଫିସ/ ଢେଙ୍କାନାଳ ଅଫିସ, ୨୧।୫**



ଅନୁଗୋଳ ଜିଲାରୁ ଶୁକ୍ରବାର ୮୫୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୭ ହଜାର ୭୬୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଜିଲାରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ସର୍ବାଧିକ ୧୭୫ ଜଣ ଅଛନ୍ତି। ସେହିପରି ତାଳଚେର ବ୍ଲକରୁ ୧୦୩, କଣିହାଁ ବ୍ଲକରୁ ୯୬, ବଣ୍ଟରପାଳ ବ୍ଲକରୁ ୯୫, ଆଠମଲ୍ଲିକ ବ୍ଲକରୁ ୭୯, ଅନୁଗୋଳ ବ୍ଲକରୁ ୭୯, ଅନୁଗୋଳ ପୌରପାଳିକାରୁ ୫୬, କିଶୋରନଗର ବ୍ଲକରୁ ୫୪, ପାଲଲହଡ଼ା ବ୍ଲକରୁ ୪୪, ତାଳଚେର ପୌରାଞ୍ଚଳରୁ ୨୫ ଓ ଆଠମଲ୍ଲିକ ଏନ୍ଏସିରୁ ୧୦ ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୫୦୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସେହିପରି ଢେଙ୍କାନାଳ ଜିଲାରୁ ଶୁକ୍ରବାର ୧୩୨ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୦୨ଜଣ ସୁସ୍ଥ ହୋଇଛନ୍ତି। ତନ୍ମଧ୍ୟରୁ ୧୧୧ଜଣ ହୋମ୍ କ୍ୱାରାଣ୍ଟାଇନରେ ଥିବାବେଳେ ୨୧ଜଣ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରୁ ୨୨, ସଦର ବ୍ଲକରୁ ୧୯, କାମାକ୍ଷାନଗର ବ୍ଲକରୁ ୧୮ ଓ ଏନ୍ଏସିରୁ ୪, ହିନ୍ଦୋଳ ବ୍ଲକରୁ ୧୬ ଓ ଏନ୍ଏସିରୁ ୪, ଭୁବନ ବ୍ଲକରୁ ୨ ଓ ଏନ୍ଏସିରୁ ୬, ଗଁଦିଆ ବ୍ଲକରୁ ୧୪, ଓଡ଼ାପଡ଼ା ବ୍ଲକରୁ ୧୪, ପରଜଙ୍ଗ ବ୍ଲକରୁ ୮, କଙ୍କଡ଼ାହାଡ଼ ବ୍ଲକରୁ ୨ ଜଣ ଅଛନ୍ତି। ଅନ୍ୟ ୩ଜଣ ଚିକିତ୍ସାଳୟକୁ ଆସିଥିବା କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିଛନ୍ତି। ଏହାପରେ ଜିଲାର ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୧୮୭୫ରେ ପହଞ୍ଚିଛନ୍ତି। ଅନ୍ୟପଟେ ଭୁବନ ବ୍ଲକର ଦିଘି ପଞ୍ଚାୟତର ଗୋରଡିଆ ଗ୍ରାମରେ ସଂକ୍ରମଣ ବଢୁଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମକୁ ୨୮ ତାରିଖ ସକାଳ ୭ଟା ଯାଏ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

ଜିଲାରେ ଅବ୍ୟାବଧି ୨ଲକ୍ଷ ୭୪ହଜାର ୪୨୦ଜଣଙ୍କ ଟେଷ୍ଟିଂ ସରିଲାଣି। ତନ୍ମଧ୍ୟରୁ ୯,୩୨୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିକିତ୍ସା ପରେ ୭୪୨୦ ଜଣ ସୁସ୍ଥ ହୋଇସାରିଲେଣି। କରୋନା ସଂକ୍ରମଣରେ ୩୪ ଜଣଙ୍କ ଜୀବନ ଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଆସିଲା ଟିକା, ଆଜି ଷ୍ଟାଡିୟମ୍‌ରେ ଟିକାକରଣ

**ଅନୁଗୋଳ ଅଫିସ, ୨୧।୫–**ଅନୁଗୋଳ ଷ୍ଟାଡ଼ିୟମରେ ଚାଲିଥିବା ଟିକାକରଣ କାର୍ଯ୍ୟକ୍ରମ ଟିକା ଅଭାବରୁ ବନ୍ଦ ରହିଥିଲା। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଟିକା ଆସିବା ପରେ ଶନିବାରଠାରୁ ପୁଣି ଥରେ ଟିକାଦାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଟିକାକରଣ କାର୍ଯ୍ୟକ୍ରମ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ଯାଏ ଜାରି ରହିବ। ଯେଉଁମାନେ ପ୍ରଥମେ ଆସିବେ ସେମାନଙ୍କୁ ଟୋକନ୍ ପ୍ରଦାନ କରାଯିବ। ଗୋଟିଏ ଦିନରେ ୧୦୦୦ ଲୋକଙ୍କ ପାଇଁ ଷ୍ଟାଡିୟମ୍‌ରେ ଟିକା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଜିଲାକୁ ୮ ହଜାର ଟିକା ଆସିଥିବା ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଧନଞ୍ଜୟ ବେହେରା କହିଛନ୍ତି। ଅନୁଗୋଳ ଷ୍ଟାଡ଼ିୟମ ବ୍ୟତୀତ ଉପଖଣ୍ଡ ଚିକିତ୍ସାଳୟ, ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଟିକା ଯୋଗାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଆଇନଶୃଙ୍ଖଳା ସମୀକ୍ଷା କଲେ ଡିଜିପି

**ଅନୁଗୋଳ ଅଫିସ, ୨୧।୫**

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଶୁକ୍ରବାର ଅନୁଗୋଳ ଜିଲା ଗସ୍ତରେ ଆସି କୋଭିଡ୍ ପରିଚାଳନା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିଛନ୍ତି। ଅପରାହ୍ନରେ ଡିଜିପି ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ସହ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ହେଡ୍‌କ୍ୱାର୍ଟର) ଲଳିତ ଦାସ ଉପସ୍ଥିତ ଥିଲେ। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ଏସ୍‌ପି ଜଗମୋହନ ମୀନା, ତାଳଚେର ଏସଡିପିଓ ନୀତେଶ ୱାଧାନୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଜିଲାର ଆଇନଶୃଙ୍ଖଳା ଓ କୋଭିଡ୍ ସ୍ଥିତି ସମୀକ୍ଷା କରିଥିଲେ। ଏଥିସହ ଜିଲାରେ ଲକ୍‌ଡ଼ାଉନ୍ ଓ ସପ୍ତାହାନ୍ତ ଶଟ୍‌ଡ଼ାଉନ୍ ସମୟରେ ପୋଲିସ କିଭଳି କାର୍ଯ୍ୟ ତୁଲାଉଛି ସେ ନେଇ ଆଲୋଚନା କରିଥିଲେ।

ଜିଲାରେ ୨୦୨୦ ମାର୍ଚ୍ଚ ୧ରୁ ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମାସ୍କ ଯାଞ୍ଚ କରାଯାଇ ୧୫,୧୭୭ ଜଣଙ୍କ ନିକଟରୁ ୬୦ ଲକ୍ଷ ୯୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୮୯ ଜଣଙ୍କ ବିରୋଧରେ ୨୪ଟି ମାମଲା ରୁଜୁ ହୋଇଛି। ଲକ୍‌ଡ଼ାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ୧୩୩୦ ଜଣଙ୍କ ବିରୋଧରେ ୩୯୩ ମାମଲା ରୁଜୁ କରାଯାଇଛି। ସେହିପରି ୫୧୩ ଗାଡ଼ି ଜବତ କରାଯାଇଛି। ଗାଇଡ୍‌ଲାଇନ୍ ଉଲ୍ଲଂଘନ କରିଥିବା ୯୧ ଦୋକାନକୁ ସିଲ୍ କରାଯାଇ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏସ୍‌ପି ସୂଚନା ଦେଇଥିଲେ।

ସେହିପରି କୋଭିଡ୍ ସମ୍ପର୍କରେ ଲୋକଙ୍କୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ ଅଭିଯୋଗରେ ଜିଲାରେ ୫ ମାମଲା ରୁଜୁ କରାଯାଇଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି।

ଚଳିତବର୍ଷ ଏପ୍ରିଲ ୧ରୁ ଅଦ୍ୟାବଧି ମାସ୍କ ଯାଞ୍ଚ ସମୟରେ ୬ହଜାର ୪୦୪ ଜଣ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୧୭ ଲକ୍ଷ ୮୧ ହଜାର ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। କରୋନାର ଦ୍ୱିତୀୟ ଲହର ବେଳେ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ୧୭ ମାମଲା ରୁଜୁ ହୋଇଥିବାବେଳେ ୪୭ ଜଣଙ୍କୁ ଗିରଫ କରାଯାଇଛି। ମୋଟ ୧୬ଟି ବାଇକ୍ ଜବତ ହୋଇଥିବାବେଳେ ୫୬ ଦୋକାନକୁ ସିଲ୍ କରାଯାଇଛି। ସେମାନଙ୍କ ନିକଟରୁ ମୋଟ ୮ ଲକ୍ଷ ୧ ହଜାର ୧୦୦ ଟଙ୍କା ଜରିମାନା ଆଦାୟ ହୋଇଛି। କରୋନା ସମୟରେ ମୋଟ ୮୬ ଲକ୍ଷ ୮୩ ହଜାର ୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଡିଜିପିଙ୍କୁ ଅବଗତ କରାଯାଇଥିଲା। ଅମାନିଆଙ୍କ ବିରୋଧରେ ଅନୁଗୋଳ ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ଡିଜିପି ପ୍ରଶଂସା କରିଛନ୍ତି।

ଏହାପରେ ସେ ସ୍ଥାନୀୟ ପୋଲିସ ଟ୍ରେନିଂ କଲେଜ (ପିଟିସି)କୁ ଯାଇ ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ବାହାରୁ ଅପରାଧୀଙ୍କୁ ଅନୁଗୋଳ ପୋଲିସ ଚିହ୍ନଟ କରି ଆଣିବା, ବେଆଇନ୍ ବନ୍ଧୁକ ଜବତ ଘଟଣା, ଚାକିରି କରାଇବା ବାହାନାରେ ଠକେଇ ଓ ବିଭିନ୍ନ ମାମଲାରେ ଉତ୍ତମ ତଦନ୍ତ କରିଥିବା ୧୪ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଡିଜିପି ଢେଙ୍କାନାଳ ଯାଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ଅନୁଗୋଳ ଜିଲା ପୋଲିସ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଡିଜିପିଙ୍କ ସମେତ ବିଭାଗୀୟ ଅଧିକାରୀମାନେ।

### ଅଚାନକ ଟାଉନ୍ ଥାନା ପରିଦର୍ଶନ

**ଢେଙ୍କାନାଳ ଅଫିସ, ୨୧।୫-**ଅନୁଗୋଳ ଗସ୍ତରେ ଆସିଥିବା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଶୁକ୍ରବାର ରାତି ପ୍ରାୟ ୮ଟାରେ ଅଚାନକ ଢେଙ୍କାନାଳ ଟାଉନ୍ ଥାନା ପରିଦର୍ଶନ କରିଛନ୍ତି। ସେ ଥାନାଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କଠାରୁ କରୋନା ପରିଚାଳନା, ସହରରେ କୋଭିଡ୍ ଗାଇଡ୍‌ଲାଇନ୍ କାର୍ଯ୍ୟକାରିତା ଏବଂ ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ପଚାରି ବୁଝିଥିଲେ। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ, ଏସ୍‌ପି କେ. ଶିବା ସୁବ୍ରମଣି ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

**ପରଜଙ୍ଗ, ୨୧।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲାରେ କାର୍ଯ୍ୟରତ ଖବରଦାତା ଶାନ୍ତନୁ କୁମାର ଭୁକ୍ତାଙ୍କ ଉପରେ ଆକ୍ରମଣ ହୋଇଛି। ଏ ନେଇ ସେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅଧୀନ ୫୩ନଂ. ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ନଦୀ ଉପରେ ଏକ ନିର୍ଦ୍ଦିଷ୍ଟ ଠିକାସଂସ୍ଥା ପକ୍ଷରୁ ପୋଲ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଠିକାସଂସ୍ଥାର କାର୍ଯ୍ୟରତ ଶ୍ରମିକମାନେ ବିନା ସୁରକ୍ଷାରେ କାର୍ଯ୍ୟ କରୁଛନ୍ତି। ଏ ନେଇ ଅଭିଯୋଗ ମିଳିବା ପରେ ଶାନ୍ତନୁ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ। ଫଟୋ ଉଠାଇବା ଏବଂ ଭିଡ଼ିଓ ଉତ୍ତୋଳନ କରିବା ସମୟରେ ଠିକା ସଂସ୍ଥାର କାର୍ଯ୍ୟରତ କର୍ମଚାରୀ ସୁଜିତ୍ ମହାନ୍ତି ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ ଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ନେଇ ସରାଙ୍ଗ ଫାଣ୍ଡି ଅଧିକାରୀ ଦାମୋଦର ସାହୁ କହିଛନ୍ତି, ଘଟଣାସ୍ଥଳକୁ ଯାଇଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସିସିଟିଭି ଫୁଟେଜ୍ ଶନିବାର ଦେବାକୁ କୁହାଯାଇଛି। ଫୁଟେଜ ମିଳିବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

